ଶନିବାର, ୭ ଅକ୍ଟୋବର, ୨୦୨୩

# ପିଲାଙ୍କ ଧରିତ୍ରୀ



# ଖିଲି ଖିଲି ହସ

ବିଜ୍ଞାନ କ୍ଲାସ୍ ଚାଲିଥିବା ସମୟରେ ଶିକ୍ଷକ ପଚାରିଲେ– ଝିଟିପିଟି କିଏ ?
ପିଲାଙ୍କ ମଧ୍ୟରୁ ପପୁ କହିଲା– ଝିଟିପିଟି ଏକ ଛୋଟ କୁମ୍ଭୀର, ଯାହାକୁ ପିଲାବେଳେ ବୋର୍ନଭିଟା ମିଳିନି ସେ କୁପୋଷଣର ଶିକାର ହୋଇଛି।

ଜଣେ ରୋଗୀ ଡାକ୍ତରଙ୍କ ନିକଟକୁ ଗଲା।
ରୋଗୀ: ଡାକ୍ତରବାବୁ ମୋ କାନରେ ମଟର ଗଛ ଉଠିଛି।
ଡାକ୍ତର: ଇଏ ତ ଆଶ୍ଚର୍ଯ୍ୟର କଥା।
ରୋଗୀ: ଡାକ୍ତରବାବୁ, ଆଶ୍ଚର୍ଯ୍ୟର କଥା ହେଲା– ମୁଁ ତ କାନରେ ଭେଣ୍ଡି ମଞ୍ଜି ପକାଇଥିଲି।

(ଶିକ୍ଷକ–ଛାତ୍ର ମଧ୍ୟରେ କଥାବାର୍ତ୍ତା)
ଶିକ୍ଷକ: ଏତେଦିନ ହେଲା କେଉଁଠି ଥିଲୁ ?
ଛାତ୍ର: ବାର୍ଡ ଫ୍ଲୁ ଥିଲା ..... !
ଶିକ୍ଷକ: କିନ୍ତୁ ଇଏ ବାର୍ଡଙ୍କୁ ହୁଏ ?
ଛାତ୍ର ରାଗିଯାଇ: ଆପଣମୋତେ ମଣିଷ କେଉଁଠି ଭାବିଲେ କି ? ସବୁବେଳେ ତ କୁକୁଡ଼ା କରି ଠିଆ କରିଦିଅନ୍ତି।

# ଆସ ହସିବା, ହସେଇବା

## ଗପ

ଗୋଟିଏ ଦେଶରେ ଜଣେ ରାଜା ଥାଆନ୍ତି। ତାଙ୍କର ଏକମାତ୍ର କନ୍ୟା। ରୂପରେ ଗୁଣରେ ଗୋଟିଏ ଚାଉଳରେ ଗଢ଼ା ସିଏ। ହଠାତ୍ ତାଙ୍କର କଣ ହେଲା କେଜାଣି ସେ ହସିବା ବନ୍ଦ କରିଦେଲେ। ଖୁବ୍ କମ୍ କଥାବାର୍ତ୍ତା କରୁଥିଲେ। ରାଜାଙ୍କର ଚିନ୍ତା ବଢ଼ିଗଲା। ଗୋଟିଏ ବୋଲି କନ୍ୟା, ସେ ପୁଣି ଭବିଷ୍ୟତ ଗଢ଼ିବ କିପରି? ରାଜା ତାଙ୍କୁ ହସେଇବାକୁ ବହୁ ଚେଷ୍ଟା କଲେ। ରାଜ୍ୟର ଅନେକ ବ୍ୟଙ୍ଗ କବି, ଲେଖକ ଓ ବିଦୂଷକମାନଙ୍କୁ ଡକାଇ କନ୍ୟାର ମୁହଁରେ ହସ ଫୁଟାଇବାକୁ ସକଳ ଉଦ୍ୟମ କରି ମଧ ଅସଫଳ ହେଲେ। ଶେଷରେ ରାଜ୍ୟ ସାରା ଡେଙ୍ଗୁରା ପିଟି ଘୋଷଣା କଲେ, ଯିଏ ତାଙ୍କର ଏକମାତ୍ର କନ୍ୟାକୁ ହସେଇଦେଇ ପାରିବ, ସେହିଁ ତାଙ୍କୁ ବିବାହ କରିବ। ଏ କଥା ପ୍ରଚାର ହେବା ପରେ ରାଜ୍ୟର ବହୁ ଲୋକ ରାଜାଙ୍କ ଜ୍ୱାଇଁ ହେବାର ଲାଳସାରେ ରାଜଦରବାର ଅଭିମୁଖେ ଧାଇଁଲେ। ଅନେକ ବ୍ୟଙ୍ଗ କବିତା, ହସ କୌତୁକ ମାଧ୍ୟମରେ ରାଜକନ୍ୟାଙ୍କୁ ହସେଇବାକୁ ଚେଷ୍ଟା କରି ବିଫଳ ହୋଇଗଲେ। ରାଜକନ୍ୟାଙ୍କର ମୁହଁ ପୂର୍ବପରି ଗମ୍ଭୀର ହୋଇ ରହିଥାଏ। ସେଇ ରାଜ୍ୟର ଗରିବ କିଶୋର ବୟସର ପିଲାଟିଏ, ରାଜକନ୍ୟାଙ୍କୁ ଭଲ କରିଦେବା ପାଇଁ ବାହାରିଲା। ପିଲାଟି ଗରିବ ହେଲେ ମଧ ଖୁବ୍ ସରଳ, ସାହସୀ ଓ ପରୋପକାରୀ ଥିଲା। ମନରେ ଦମ୍ଭ ଓ ସାହସକୁ ନେଇ ଚାଲିଚାଲି ରାଜନଅରରେ ପହଞ୍ଚିଗଲା। ରାଜକନ୍ୟାକୁ ବିବାହ କରି ରାଜପରିବାରରେ ଜ୍ୱାଇଁ ହେବାର ନିଶା ତା'ର ପଥଶ୍ରମକୁ କେଉଁଆଡ଼େ ଭୁଲେଇ ନେଲା। ସେଠାରେ ପହଞ୍ଚି ଦେଖିଲା, ରାଜକନ୍ୟା ରାଜନଅରରେ ଏକ ବାଲ୍‌କୋନି ଉପରେ ଖୁବ୍ ଗମ୍ଭୀର ଭାବରେ ବସି ବାହାରକୁ ଚାହୁଁଛନ୍ତି। ଗାଉଁଲି ଯୁବକ ଜଣକ ତାଙ୍କର ରୂପ ଲାବଣ୍ୟକୁ ଦେଖି ଭୟ ଓ ଲଜ୍ଜାରେ ଏକ କାଦୁଅ ଗାତରେ ପଡ଼ିଗଲା। ଗାତଟି ଏତେ ଗଭୀର ଥିଲା ଯେ, ଯୁବକଟି ଖାଲରେ ପଡ଼ିଗଲା, ଉଠିଲା ବେଳକୁ ସାରା ଦେହଟା କାଦୁଅରେ ଏକ ମାଟି ମୂର୍ତ୍ତିପରି ଦେଖାଗଲା। ଆଖପାଖ ଲୋକେ ଆସି ତାକୁ ଉଦ୍ଧାର କଲେ। ଏ ବିକୃତ ରୂପକୁ ଦେଖି



ରାଜକନ୍ୟା ଖୁବ୍ ଜୋରରେ ହସିଉଠିଲେ। ଏହି ଘଟଣାରେ ସେଠାରେ ସମସ୍ତେ ମଧ ରାଜକନ୍ୟାଙ୍କ ହସ ସହିତ ହସିବାକୁ ଲାଗିଲେ। ଶେଷରେ ରାଜନଅର ଭିତରେ ଏକ ହାସ୍ୟରୋଳ ସୃଷ୍ଟି ହୋଇଗଲା। ରାଜାଙ୍କ କଥା ଅନୁସାରେ ଗରିବ ଯୁବକଜଣକ ରାଜକନ୍ୟାଙ୍କୁ ଆଡ଼ମ୍ବର ସହକାରେ ବିବାହ କଲେ। ଗରିବ ଯୁବକଟିର ଭାଗ୍ୟରେ ଏକ ବିରାଟ ପରିବର୍ତ୍ତନ ଆସିଗଲା। ଜଣେ ସାଧାରଣ ଗାଉଁଲି ଯୁବକର ମନୋବଳ, ସାହସ, ନିଷ୍ଠା ଓ ଦୃଢ଼ ଇଚ୍ଛାଶକ୍ତି ତା'ର କାର୍ଯ୍ୟକୁ ସଫଳ କରିବାରେ ସାହାଯ୍ୟ କରିଥିଲା।

ବର୍ତ୍ତମାନ ସମୟରେ ରାଜକନ୍ୟାଙ୍କ ହସ ଭଳି ମଣିଷ ମନରୁ ବି ହସ କୁଆଡ଼େ ଉଭେଇ ଗଲାଣି। ଅର୍ଥ, କ୍ଷମତା, ଅହଂକାରରେ ଅନ୍ଧ ହୋଇ ମଣିଷ ହସିବା କଥା ଭୁଲିଗଲାଣି। ହସଟିଏ ପାଇଁ ସକାଳୁ ସକାଳୁ ଧାଉଁଛି ପାର୍କକୁ। ଲାଫଟର କ୍ଲବରେ ଯୋଗଦେଇ ହସକୁ କିଣିବାକୁ ଚେଷ୍ଟା କରୁଛି। ମୋବାଇଲ, ଟିଭି, ପରଦାରେ ଖୋଜି ବୁଲୁଛି ହସର ଦୃଶ୍ୟକୁ। ହସ ଆଉ ସ୍ୱାଭାବିକ ଜୀବନ ଜିଉଥିବା ମନର ଆହ୍ଲାଦକୁ ପ୍ରକାଶ କରିବାର ମାଧ୍ୟମ ହୋଇନାହିଁ ବରଂ ଆସରଟି ସ୍ୱାସ୍ଥ୍ୟରକ୍ଷା ପାଇଁ ଡାକ୍ତରମାନଙ୍କର ବଡ଼ ମହୌଷଧୀ ରୂପେ କାର୍ଯ୍ୟ କରୁଛି। କୃତ୍ରିମ ହସକୁ ବଜାରରୁ ସଉଦାପରି ନ କିଣି ମନ, ହୃଦୟ ଓ ଆତ୍ମାରୁ ପବିତ୍ର, ପ୍ରାକୃତିକ, ଅନାବିଳ ଓ ନିଷ୍ପାପ ହସଟିଏ ଫୁଟାଇ ନିଜେ ସୁସ୍ଥ ରହିବା ସଙ୍ଗେ ସଙ୍ଗେ ସମାଜ ଗଠନରେ ହସକୁ ମୁଖ୍ୟ ଉପାଦାନ ଭାବରେ ରଖିବାକୁ ପ୍ରତିଜ୍ଞାବଦ୍ଧ ହେବା।

**– ଶଶଧର ମହନ୍ତୀ**
ବରାଳପୋଖରୀ, ଚରମ୍ପା, ଭଦ୍ରକ
ମୋ: ୭୯୭୮୫୦୬୭୪୭

ଫିଲ୍ମ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଶିଶୁପ୍ରତିଭା

# କୁନି କଳାକାର ତାପସ

ବୟସ ମାତ୍ର ୧୧ ବର୍ଷ, କିନ୍ତୁ ଓଡ଼ିଆ ସିନେମା ଜଗତରେ ସେ ଜଣେ ଉଦୀୟମାନ ତାରକା। ଏତେ କମ୍ ବୟସରୁ ଅଭିନୟରେ ଦକ୍ଷତା ପ୍ରତିପାଦିତ କରିଥିବା ଏହି କୁନି କଳାକାର ହେଉଛନ୍ତି ତାପସ କୁମାର ଷଡ଼ଙ୍ଗୀ। ଭୁବନେଶ୍ୱରର ପାହାଳଠାରେ ରୁହନ୍ତି। ବାପା ତପନ କୁମାର ଷଡ଼ଙ୍ଗୀ ଜଣେ ବ୍ୟବସାୟୀ ଓ ମାଆ ଦୁର୍ଗାବତୀ ଗୃହିଣୀ। ପଞ୍ଚମ ଶ୍ରେଣୀର ଛାତ୍ର ତାପସ ଏବେ ସୁଦ୍ଧା ସେ ୭ଟି ଓଡ଼ିଆ ଚଳଚ୍ଚିତ୍ର ଓ ୬ଟି ସିରିଏଲ୍‌ରେ ଅଭିନୟ କରି ସାରିଲେଣି।

ତାପସଙ୍କ ଅଭିନୟ କଳା ଜଣା ପଡିଥିଲା ଯେତେବେଳେ ସେ ତୃତୀୟ ଶ୍ରେଣୀରେ ପଢ଼ିବା ସମୟରେ ଡ୍ରାମାରେ ଭାଗ ନେଇଥିଲେ। ସେଦିନର ଅଭିନୟକୁ ଦେଖି ତାଙ୍କ ସ୍କୁଲର ପ୍ରିନ୍ସିପାଲ୍ ସାର୍ ତାଙ୍କୁ ପ୍ରୋତ୍ସାହିତ କରିଥିଲେ। ତାଙ୍କ ପରାମର୍ଶରେ **ତାପସ** ଭାଗ ନେଇଥିଲେ ସେତେବେଳେ ଜି ସାର୍ଥକରେ ପ୍ରସାରିତ ହେଉଥିବା 'ଓଡ଼ିଶାସ୍ ବେଷ୍ଟ ଡ୍ରାମେବାଜ୍' କାର୍ଯ୍ୟକ୍ରମରେ। ଏଥିରେ ସେ ରନର୍ସ ଅପ୍ ହୋଇ ସଫଳତାର ପ୍ରଥମ ପାହାଚ ଅତିକ୍ରମ କରିଥିଲେ। ଏହାପରେ ସିନେମାରେ ଅଭିନୟ କରିବା ପାଇଁ ତାଙ୍କ ପାଖକୁ ଅଫର ଆସିଥିଲା। ପ୍ରଥମେ ଓଡ଼ିଆ ଫିଲ୍ମ 'ଶ୍ରୀକ୍ଷେତ୍ର' ଓ 'ପ୍ରେମରେ ରିସ୍କ'ରେ ସେ ଅଭିନୟ କରିଥିଲେ। ଏହାପରେ ତାଙ୍କୁ 'ବାପା ସୁପରମ୍ୟାନ୍' ସିନେମାରେ କୁନି କଳାକାରଭାବେ ଚୟନ କରିଥିଲେ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଏଥିରେ ଅଭିନୟ କରିବା ପରେ ତାଙ୍କ ପାଖକୁ ସବୁଆଡୁ ମିଳିଥିଲା ଅଜସ୍ର ପ୍ରଶଂସା। 'ମାୟା ଦର୍ପଣ' ଓ 'ଶଙ୍କର' ସିନେମାରେ ସେ ଅଭିନୟ କଲେ। ଏବେ ସୁଟିଂ ଚାଲିଥିବା 'ପ୍ରଥା' ସିନେମାରେ ସେ ଅଭିନୟ କରୁଛନ୍ତି। ଏହା ବ୍ୟତୀତ ସିରିଏଲ୍ 'ମୋ ପାଇଁ ତୁ', 'ମଙ୍ଗଳା ଚରଣ', 'ମହାଦେବୀ', 'ତାରା ତାରିଣୀ', 'ମା ଯାହାର ସାହା' ଏବଂ ଏବେ ପ୍ରସାରିତ ହେଉଥିବା 'ଖୁସିର ଛୁଙ୍କ'ରେ ମଧ ସେ ଅଭିନୟ କରୁଛନ୍ତି। ଅଭିନୟ ସାଙ୍ଗକୁ ସେ ଭଲ ପାଠ ବି ପଢୁଛନ୍ତି। ସୁଟିଂକୁ ଯିବା ସମୟରେ ସ୍କୁଲରେ ତାଙ୍କୁ ସମସ୍ତେ ସହଯୋଗ କରନ୍ତି। ତାପସ କିନ୍ତୁ ଅଭିନୟର ପ୍ରଥମ ପ୍ରେରଣା ତାଙ୍କ ବାପାଙ୍କ ଠାରୁ ପାଇଛନ୍ତି। ତାଙ୍କ ବାପା ଭଲ ଡ୍ୟାନ୍ସର ହୋଇଥିବାରୁ ତାଙ୍କ ଠାରୁ ଶିଖି ସେ ପ୍ରଥମେ ଡ୍ୟାନ୍ସ ଓ ଅଭିନୟ ଆରମ୍ଭ କରିଥିଲେ। ଏବେ ଅଭିନୟ ପାଇଁ ତାଙ୍କୁ ଘରଲୋକେ ସ୍ୱତନ୍ତ୍ର ତାଲିମ୍ ଯୋଗାଇ ଦେବେ ବୋଲି ସେ କହିଛନ୍ତି। ପାଠ ପଢ଼ା ସାଙ୍ଗକୁ ବଲିଉଡ୍‌ରେ ଅଭିନୟ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ତାପସ।



# ମତାମତ

▸▸ ଜଣା ଅଜଣାରୁ ବିଭିନ୍ନ ବିଷୟରେ ନୂଆ କଥା ଜାଣିବାକୁ ମିଳୁଛି।
– ରୋଶନୀ ନାୟକ, ବୁଢ଼ାରଜା, ସମ୍ବଲପୁର

▸▸ କବିତାଗୁଡ଼ିକ ବେଶ୍ ମନଛୁଆଁ ହୋଇପାରିଛି।
– ରାଜନ୍ ମହାନ୍ତି, ନୟାଗଡ଼

▸▸ ତୁମ ତୂଳୀ ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ସୁନ୍ଦର ହେଉଛି।
– ମନୋଜ ରାଉତ, ନିମାପଡ଼ା, ପୁରୀ

▸▸ କହିଲ ଦେଖି ପଢ଼ିବାକୁ ଭଲ ଲାଗୁଛି।
– ବିଜୟ କୁମାର ସାହୁ, ପାତ୍ରପଡ଼ା, ଭୁବନେଶ୍ୱର

## ରଙ୍ଗ ଦିଅ



# କେବଳ ପାଠପଢ଼ା ନୁହେଁ...

**ପିଲାମାନେ କେବଳ ପାଠପଢ଼ାରେ ନିଜକୁ ସୀମିତ ନରଖି, ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ବି ଦେଖାଇପାରିବେ। ଜାଣନ୍ତୁ ସେ ସମ୍ପର୍କରେ...**



ଆଜିକାଲି ମାତା ପିତା ପ୍ରାୟ ସମସ୍ତେ କର୍ମଜୀବୀ ପୁଣି ଅଧିକାଂଶ ପରିବାରରେ ବାପା ମା ଓ ଗୋଟିଏ କି ଦୁଇଟି ପିଲା । ତେଣୁ ଏ କ୍ଷେତ୍ରରେ ଜରୁରୀ ହୋଇପଡ଼ିଛି ପିଲାମାନେ ପାଠପଢ଼ା ସହିତ କେମିତି ନିଜ କାମ ନିଜେ କରି ଆତ୍ମନିର୍ଭରଶୀଳ ହୋଇପାରିବେ। ଏଥିପାଇଁ ପ୍ରଥମେ ମାତାପିତା ହିଁ ପିଲାଙ୍କୁ ଗାଇଡ୍ କରିବା ଦରକାର। ଯେମିତି ସେମାନେ ପାଠପଢ଼ା ସହିତ ନିଜ କାମ ନିଜେ କରିପାରିବେ। ପ୍ରଥମେ ପିଲା ଯଦି କୌଣସି କାମ କରୁଛି ସେ ଭୁଲ୍ କଲେ ବି ତାକୁ ଗାଳି ନଦେଇ ବୁଝାଇବା ଦରକାର ଏବଂ ପ୍ରୋତ୍ସାହିତ କରିବା ଦରକାର। ତେବେ ସେ ଚାହିଁଲେ ଆହୁରି ବି ଭଲରେ କରିପାରିବ। ଅଭିଭାବକ ଓ ମାତାପିତାଙ୍କ ପ୍ରଂଶସା ପିଲାଙ୍କ ଭିତରେ ଆତ୍ମବିଶ୍ୱାସ ବଢ଼ାଇଥାଏ। ଯାହାଦ୍ୱାରା ସେମାନଙ୍କର ମନୋବଳ ବୃଦ୍ଧି ଘଟିଥାଏ।

## ଟିମ୍‌ୱାର୍କ

ଯେଉଁ ପିଲାମାନେ ଛୋଟବେଳୁ ମାତାପିତାଙ୍କୁ କାମରେ ସାହାଯ୍ୟ କରନ୍ତି, ତାଙ୍କ ଭିତରେ ଟିମ୍‌ୱାର୍କ ବୁଝିବାର ଶକ୍ତି ଆସିଯାଇଥାଏ। କାମକୁ ଯଦି ମିଳିମିଶି କରାଯାଏ, ତାହା କିପରି ସହଜରେ ସରିଯାଏ ଜଣାପଡି ନ ଥାଏ। ଫଳରେ ଏ ବିଷୟରେ ପିଲା ଅଳ୍ପ ବହୁତ ଜାଣିଯାଇଥାଏ।

## ବଢ଼ିଥାଏ ଆତ୍ମବିଶ୍ୱାସ

ପିଲାମାନଙ୍କୁ ସବୁବେଳେ ଛୋଟମୋଟ କାମରେ ଲଗାନ୍ତୁ। ଯେମିତିକି ପିଲାମାନେ ସ୍କୁଲ୍ ଯିବା ପୂର୍ବରୁ ନିଜ ବହି ସଜାଡିବା, ହୋମୱର୍କ କରିବା କିମ୍ବା ନିଜ ବେଡ୍‌ରୁମ୍ ସଫାସୁତୁରା ଆଦି କାମ ଯେମିତି ନିଜେ କରିବେ।

## ଏମାନେ କ'ଣ କରନ୍ତି

### ନିଜ କାମକୁ ଭଲ ଭାବରେ ବୁଝିନିଏ : ଆୟାନ୍ସ



ପିଲାଟି ବେଳୁ ମୁଁ ନିଜ କାମ ନିଜେ କରିବାକୁ ଚେଷ୍ଟା କରୁଛି। କାରଣ ଏହାଦ୍ୱାରା ନିଜ ଭିତରେ ନୂଆ କାମ କରିବା ଲାଗି ଆଗ୍ରହ ସୃଷ୍ଟି ହୋଇଥାଏ। କୌଣସି କାମ କରିବା ପୂର୍ବରୁ ତାହାକୁ ମୁଁ ତୁଲାଇ ପାରିବି କି ନାହିଁ ଜାଣିନିଏ। ଯେଉଁ କାମରେ ଅନ୍ୟମାନଙ୍କର ସହଯୋଗ ଦରକାର ତାହାକୁ କଦାପି ନିଜେ କରିବାକୁ ଚେଷ୍ଟା କରି ନ ଥାଏ। କାରଣ ବଡ ହେଲେ ନିଜ କାମ ନିଜକୁ ହିଁ କରିବାକୁ ପଡିବ।

*– କ୍ଲାସ–୪, କେନ୍ଦ୍ରୀୟ ବିଦ୍ୟାଳୟ, ଭବାନୀପାଟଣା*

### ଆତ୍ମନିର୍ଭରଶୀଳତା ବଢ଼ିଥାଏ : ଶୁଭମ ବିଶ୍ୱାଳ



ନିଜ କାମ ନିଜେ କରିବା ଦ୍ୱାରା ଆତ୍ମନିର୍ଭରଶୀଳତା ବଢ଼ିଥାଏ। କୌଣସି କାମକୁ କରିବା ପୂର୍ବରୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନିଏ। ବିଶେଷଭାବରେ ନିଜର ହୋମୱର୍କ, ଡ୍ରେସ ସଫାସୁତୁରା ରଖିବା ପ୍ରତି ନିଜେ ସଚେତନ ରୁହେ। ବେଳେବେଳେ ଘର କାମରେ ବାବା–ମାମାଙ୍କୁ ସାହାଯ୍ୟ କରେ। ସବୁବେଳେ ଅନ୍ୟମାନଙ୍କ ଠାରୁ ନୂଆ କାମ କରିବାର କୌଶଳ ଶିଖିବାକୁ ଚେଷ୍ଟା କରେ। ପ୍ରତି ମାସରେ ମୁଁ ଯେମିତି ହେଲେ ଥରେ ବୃକ୍ଷରୋପଣ କରିଥାଏ।

*–କ୍ଲାସ–୮, କୁତାମଚଣ୍ଡୀ ବିଦ୍ୟାମନ୍ଦିର, ଧରାଧରପୁର, ରଘୁନାଥପୁର, ଜଗତସିଂହପୁର*

ଏହାଦ୍ୱାରା ସେମାନଙ୍କର ଅଭ୍ୟାସ ହୋଇଯାଏ ଓ ପରେ ସେମାନେ ଧିରେ ଧିରେ ପ୍ରତିଦିନ ନିଜ କାମ କରିବାକୁ ଲାଗନ୍ତି। ଏହା ଦ୍ୱାରା ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି ହୁଏ ଯେ, ସେ ଚାହିଁଲେ ସବୁ କାମ କରିପାରିବେ। ଫଳରେ ତାଙ୍କୁ କୌଣସି କାମ କଷ୍ଟ ଲାଗେନି।

## ବୁଝିବା ଶକ୍ତି

କାମ କରିବା ଲାଗି ଝିଅପୁଅର ବାଛବିଚାରର ଆବଶ୍ୟକତା ନଥାଏ। ଏହି କଥା ପିଲା ଯେତେ ଜଲ୍‌ଦି ବୁଝିଯିବେ ସେତେ ଭଲ। ଏହି ଭଳି ସେମାନେ ବୁଝିବା ଦରକାର ଘର କାମରେ ସମସ୍ତେ ମିଳିମିଶି କାମ କରିବା ଆବଶ୍ୟକ। ଯଦି ଘରେ ମା' କିଛି କାମ କରୁଛନ୍ତି ସେଠି ପିଲା ଛୋଟମୋଟ କାମରେ ତାଙ୍କୁ ସାହାଯ୍ୟ କରିବା ଆବଶ୍ୟକ।

## ଲାଇଫ୍ ସ୍କିଲ୍

ଲାଇଫ୍ ସ୍କିଲ କହିଲେ ଆବଶ୍ୟକ ପଡିଲେ ନିଜର ଆବଶ୍ୟକତାକୁ ନିଜେ ପୂରଣ କରିପାରିବା। ଅର୍ଥାତ୍ କାହା ଉପରେ ନିର୍ଭର କରିବାକୁ ପଡି ନ ପାରେ। ଯଦି ପିଲା କୌଣସି ସ୍ଥାନ ଅପରିଷ୍କାର କରୁଛି, ତେବେ ତାକୁ ପରିଷ୍କାର କରିବା ଶିଖାନ୍ତୁ। ଏହାଦ୍ୱାରା ପିଲା ଧିରେ ଧିରେ ବଡ ହେଲାବେଳକୁ ପ୍ରାୟତଃ ନିଜେ



କାମ ଶିଖିଯାଇଥିବ। ଫଳରେ ତାକୁ କୌଣସି ସମସ୍ୟାର ସାମ୍ନା କରିବାକୁ ପଡି ନ ପାରେ।

## ଦାୟିତ୍ୱକୁ ବୁଝିବା

ପିଲାଙ୍କଠାରେ ଯେତେବେଳେ ଲାଇଫ୍ ସ୍କିଲ୍ ଡେଭଲପ୍ ହେବାକୁ ଲାଗେ, ତାଙ୍କ ମନରେ ଦାୟିତ୍ୱବୋଧ ଆପେଆପେ ଆସିଯାଇଥାଏ। ସ୍କୁଲ୍‌ରୁ ଆସିଲା ପରେ ନିଜ ଜୋତାକୁ ଠିକ୍ ସ୍ଥାନରେ ରଖିବା, ଜୋତା ପଲିସ୍ କରିବା, ଡ୍ରେସପତ୍ର ଏବଂ ନିଜ ବହିପତ୍ରକୁ ସଜାଡି ରଖିବା ଆଦି କାମ କରିବା ଆବଶ୍ୟକ। ଏହା ତାଙ୍କ ବ୍ୟକ୍ତିତ୍ୱକୁ ବିକାଶ କରିବାରେ ନିହାତି ରୂପେ ସାହାଯ୍ୟ କରିବ।







୧



୨



୩




୭



୪




୫



୬



୮



**ଅଭିସୁମତ୍ ସାମଲ**
କ୍ଲାସ୍–୩, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର
୧



**ଅଭ୍ୟୁଦୟ ଦାଶ**
କ୍ଲାସ୍– ୫, ଡିପିଏସ୍ କଳିଙ୍ଗା ସ୍କୁଲ, ଫୁଲନଖରା
୨



**ଆଦ୍ୟାଶା ବୈରିଗଞ୍ଜନ**
କ୍ଲାସ୍–୩, ଆର୍ଯ୍ୟବର୍ତ୍ତ ଆନ୍ସିଏଣ୍ଟ ଏକାଡେମୀ, ଖୋର୍ଦ୍ଧା
୩



**ସାଦ୍ୟାନ୍ତ ଶତପଥୀ**
କ୍ଲାସ୍– ୫, ମଦର୍ସ ପବ୍ଲିକ ସ୍କୁଲ, ପୁରୀ
୪



**ସମୀକ୍ଷା କୁମାରୀ ନାଗ**
କ୍ଲାସ୍– ୬, ନୋଡାଲ୍ ୟୁପି ସ୍କୁଲ, ବାଦିବାହାଲ, ଲୋଇସିଂହା, ବଲାଙ୍ଗୀର
୫



**ଶିବାଂଶୀ ଦାଶ**
କ୍ଲାସ୍–୧, ସେଣ୍ଟ ଜୋଶେଫ ଗାର୍ଲସ ହାଇସ୍କୁଲ, କଟକ
୬



**ଅଭିଲିପ୍ସା ରାଉତ**
କ୍ଲାସ୍– ୧୦, ରଘୁନାଥ ଉଚ୍ଚ ବିଦ୍ୟାଳୟ ଦାମୋଦରପୁର, ମଙ୍ଗଳପୁର, ଯାଜପୁର
୭



**ଦୀପଶିଖା ଦାଶ**
କ୍ଲାସ୍–୩, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର
୮



## ଉତ୍କଳର ମଣି

**ପୁ**ଣ୍ୟ ତିଥିରେ ଜନମ ଲଭିଲ
ତୁମେ ଉତ୍କଳର ମଣି
ସେବା ତ୍ୟାଗ ଶୁଣି ଭାରତବାସୀ
ହେଉଛନ୍ତି ଗୁଣ ଗୁଣୀ ।
ମୁକୁଟ ବିହୀନ ସମ୍ରାଟ ତୁମେ
ଏ ଜାତିର ଶ୍ରେଷ୍ଠ ମଣିଷ
ସେବା କରି ତୁମେ ଦୁଃଖୀ ଜନଙ୍କର
ମୁଖେ ଫୁଟାଇଲ ହସ ।
ବନ୍ୟା ବାତ୍ୟା ଦେଖି ଧାଇଁ ଯାଉଥିଲ
ନମାନି ବର୍ଷା ଅନ୍ଧାର
ଶହ ଶହ ପୁଅ ଭାସି ଗଲାବେଳେ
କରିଲ ଯାଇ ଉଦ୍ଧାର ।
ନ ଅଙ୍କ ଦୁର୍ଭିକ୍ଷ ସମୟେ ଲୋକଙ୍କ
ଚିତ୍କାର ସହି ନପାରି
ଚୁଡ଼ା ଚାଉଳକୁ ବାଣ୍ଟୁଥିଲ ହାତେ
ଲୋତକ ପଡ଼ଇ ଝରି ।
ରଚିଅଛ କେତେ କବିତା ଓ ଗ୍ରନ୍ଥ
ସ୍ୱଦେଶ ପ୍ରୀତିରେ ହଜି
ଗଢି ସତ୍ୟବାଦୀ ବନ ବିଦ୍ୟାଳୟ
ସ୍ମୃତି ହେଉଅଛୁ ଖୋଜି ।

**– ନଳିନୀ ଦାଶ**
ମୋ: ୬୩୭୦୦୯୫୨୪୧




## ଖାତା କଲମ ବହି

**ଖା**ତା କଲମ ବହି ମନେରଖିଥା ଭାଇ
ଯତନ କରି ରଖିବୁ ତାକୁ ହଜେଇ ଦବୁ ନାହିଁ ।
ଦେଶ ବିଦେଶ କଥା, କେତେ ହିସାବ ଯଥା
ଲେଖିବୁ ବସି କଲମ ଧରି ଖୋଲି ନିଇତି ଖାତା ।
ବଡ଼ ହୋଇବୁ ଦିନେ ରଖିଥା କଥା ମନେ
ଭଲ କାମ କରିଲେ ସଦା ଖୁସି ହୋଇବେ ଜନେ ।
ଜ୍ଞାନ,ବିଜ୍ଞାନ,ନୀତି, ଧରମ, ରାଜନୀତି
ସବୁ ଲେଖିବୁ ଏଇ କଲମେ ଦିନ ହେଉବା ରାତି ।
କଲମ, ଖାତା, ବହି ଯାହା ପାଖରେ ନାହିଁ
ଆଗକୁ ବଢ଼ି ପାରିବ ନାହିଁ ପଛେ ରହିଲା ସେହି ।

**– ତପନ କୁମାର ସ୍ୱାଇଁ**
ଅଇବିଲି, ତିର୍ତ୍ତୋଲ, ଜଗତ୍‌ସିଂହପୁର

## ପୁଣ୍ୟାତ୍ମା

**ବେ**ଶଭୂଷା ଆଉ ହାବଭାବ ଯା'ର
ଥିଲା ଅତି ସାଧାରଣ
ପରକୁ ଆପଣା କରିବା କଳାରେ
ଥିଲେ ଯେ ଅତି ନିଖୁଣ ।
ପାଉଥିଲେ ଯିଏ ଅପାର ଆନନ୍ଦ
ଦୀନଜନ ସେବା କରି
ଏମିତି ମଣିଷ ଦେଖିଛ କେ କୁହ
ଅଛି କିଏ ତାଙ୍କ ପରି ।
ଗରିବର ବନ୍ଧୁ ଦରଦୀ ମଣିଷ
ଥିଲେ ଯେ ଓଡ଼ିଆ ପ୍ରାଣ
ଆନ ପାଇଁ ଆମେ ଜୀବନ ଜିଇଁବା
ଏ ଥିଲା ତାଙ୍କ ଦର୍ଶନ ।
ଜୀବନ ତମାମ ଆମ ସେବା କରି
କଲେ ଯେ ଆମକୁ ଋଣୀ
ସେ ପରା ପଣ୍ଡିତ ଗୋପବନ୍ଧୁ ଦାସ
ପୁଣ୍ୟାତ୍ମା ଉତ୍କଳମଣି ।
ଆଜିର ଏ ଶୁଭ ଦିବସରେ ଆମେ
ସଭିଏଁ ଶପଥ ନେବା
ସୁଖ ଦୁଃଖ ଭୁଲି ଦୁଃଖୀଙ୍କ ସେବାରେ
ନିଜକୁ ହଜାଇ ଦେବା ।

**–ରାଜକିଶୋର ସ୍ୱାଇଁ**
ନୂଆପଡ଼ା, ନୂଆବଜାର, କଟକ
ମୋ: ୯୪୩୭୪୪୨୦୪୧

## ଆସ ଗଢ଼ିବା ନୂଆ ଓଡ଼ିଶା

**ଆ**ସ ଗଢ଼ିବା ନୂଆ ଓଡ଼ିଶା
ଦୂରେଇ ଦେବା ଦୁଃଖ ଦୁର୍ଦ୍ଦଶା ।
ରଖିବା ନାହିଁ ପଡ଼ିଆ ଜମି
ଚାଷ କରିବା ସକଳ ଭୂମି ।
ଆସ ଗଢ଼ିବା ଶିଳ୍ପାନୁଷ୍ଠାନ
ନ ଯିବା ଆଉ ଖଟି ଦାଦନ ।
ଆସ ଖୋଲିବା ଶିକ୍ଷାନୁଷ୍ଠାନ
ପଢ଼ିବା ଆମେ ଅଙ୍କ ବିଜ୍ଞାନ ।
ଆସ ପଢ଼ିବା ଓଡ଼ିଆ ଭାଷା
ରଖିବା ଟେକ ହୋଇ ସହସା ।
ଆସ ଗଢ଼ିବା ଡାକ୍ତରଖାନା



କରିବା ନାହିଁ ଘର ଅସନା ।
ଯୋଗାଇ ଦେବା ଗାଆଁକୁ ପାଣି
ବିଜୁଳି ତା'ର ଆଣିବା ଟାଣି ।
ଗାଆଁ ରାସ୍ତାକୁ ଦେବା ସଜାଡ଼ି
ସହରୁ ଗାଡ଼ି ଆସିବ ଗଡ଼ି ।
କରିବା ନିତି ବୃକ୍ଷ ରୋପଣ
ମିଳିବ ଶୁଦ୍ଧ ଅମଳଜାନ ।

**– ପ୍ରଶାନ୍ତ କୁମାର ସାହୁ**
ଇନ୍ଦିପୁର, ଘଣାଶାଳ
ସାହି, ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

### ଏକାଠି ୨୬୦ ଜଣଙ୍କ ନାଚ

**ଗୋ**ଟିଏ ସ୍ଥାନରେ ଏକ ସମୟରେ ଏକରୁ ଅଧିକ ମିଶି ନୃତ୍ୟ ପ୍ରଦର୍ଶନ କରିବା ପ୍ରାୟ ସମସ୍ତେ ଦେଖିଥିବେ । କୌଣସି ଉତ୍ସବ ସମୟରେ ଗୋଟିଏ ସ୍ଥାନରେ ଦୁଇ ତିନିଜଣ କିମ୍ବା ଏକାବେଳକେ ୧୦ରୁ ୨୦ ଜଣ ବି ନାଚ କରନ୍ତି । କିନ୍ତୁ ଏକ ସମୟରେ ୨୬୦ଜଣ ଏକତ୍ର ଏକ ସ୍ୱତନ୍ତ୍ର ବେଶରେ ନୃତ୍ୟ ପ୍ରଦର୍ଶନ କରୁଥିବା କଥାଟା ଶୁଣିବାକୁ ହୁଏତ ଆଶ୍ଚର୍ଯ୍ୟ ଲାଗିପାରେ । ମାତ୍ର ଏଭଳି ଢଙ୍ଗରେ ସ୍ୱତନ୍ତ୍ର ନୃତ୍ୟ ପ୍ରଦର୍ଶନ ହୋଇଥିଲା ମେକ୍ସିକୋ ସିଟି ପାଖରେ ଥିବା ଟିଓଟିହୁଆକାନ୍‌ଠାରେ । ମେକ୍ସିକୋର ସବୁଠୁ ବଡ ସେରିମନିଆଲ ଡ୍ୟାନ୍ସ ଭାବେ ୨୦୧୬ ମସିହାରେ ଏହି ନାଚ ଗିନିଜ୍ ରେକର୍ଡରେ ସ୍ଥାନ ପାଇଥିଲା । ନାଚ କରିବା ସମୟରେ ସମସ୍ତ ଅଂଶଗ୍ରହଣକାରୀ ମେକ୍ସିକୋର ଏକ ସ୍ୱତନ୍ତ୍ର ପାରମ୍ପରିକ ଢଙ୍ଗରେ ସଜେଇ ହୋଇ ଥିଲେ, ଯାହା ଦେଖିବା ପାଇଁ ଆକର୍ଷଣୀୟ ମନେ ହେଉଥିଲା ।





## ଏଥରର

- ଗୁଜରାଟର ଗିର୍ ଜାତୀୟ ଉଦ୍ୟାନ କ'ଣ ପାଇଁ ପ୍ରସିଦ୍ଧ ?
- ଭାରତର ସବୁଠୁ ଛୋଟ ରାଜ୍ୟ ?
- ଭାରତର ଉଚ୍ଚତମ ଡ୍ୟାମ୍‌ର ନାମ ?
- ଶରୀରର କେଉଁ ଅଙ୍ଗ ରକ୍ତ ପରିଷ୍କାର କରିବାରେ ସାହାଯ୍ୟ କରେ ?
- ଉତ୍ତରାଖଣ୍ଡର ରାଜଧାନୀର ନାମ ?

## ଗତଥରର


- ଓଟ
- ପଦ୍ମ
- ଆମ୍ବ
- କଦଳୀ
- ମୀରା କୁମାର



## କହିଲ ଦେଖି

ଛାତ ନୁହେଁ ମୁଣ୍ଡ ଉପରେ ଥାଏ
ଖରା ବରଷାରୁ ସୁରକ୍ଷା ଦିଏ ।

**ଉତ୍ତର:– ଛତା**



ପୋଲିସ ନୁହେଁ ସେ ଛୁଆକୁ ଜଗେ
ତା' ଶବଦେ ଶତ୍ରୁ ଦୂରକୁ ଭାଗେ ।

**ଉତ୍ତର : – ମାଆ**



ଅଟା ଗୁଣ୍ଡ ପରି ତା'ର ଆକାର
ସୁଗନ୍ଧ ଭରିଛି ତାର ଶରୀର,
କାଳି ହେଉ ଅବା ହେଉ ସେ ଗୋରୀ
ମୁହେଁ ମାରି ତାକୁ ଦିଶେ ସୁନ୍ଦରୀ ।

**ଉତ୍ତର:– ପାଉଡର**




ସବୁଠି ଥାଏ ସେ ଜାଣି ନୁହଁଇ
ପତ୍ରକୁ ହଲାଇ ଦିଏ ଜଣାଇ ।

**ଉତ୍ତର:– ପବନ**




ବନ୍ଦ ଥିଲେ ସିଏ ସବୁ ଅନ୍ଧାର
ଖୋଲି ହୋଇଗଲେ ସବୁ ସୁନ୍ଦର ।

**ଉତ୍ତର:– ଆଖି**



ବିଜୁଳି ଶକତି ତାହାର
ଚକା ଭଉଁରୀ ଗତି ତା'ର,
ମୁଣ୍ଡ ଉପରେ ରହିଥାଏ
ଝାଳକୁ ମାରି ସୁଖ ଦିଏ ।



**ଉତ୍ତର:– ପଙ୍ଖା**

**– ଟଙ୍କଧର ଶତପଥୀ**
ସୁନ୍ଦରପାଳ, ଅନୁଗୋଳ
ମୋ: ୯୯୩୮୨୬୪୪୭୬




# ଅଜବ ଟ୍ରାଫିକ୍ ନିୟମ

**ସାଧାରଣତଃ ବାଇକ୍ କିମ୍ବା କାର୍ ଚଳାଇବା ସମୟରେ ଅନେକ ନୀତିନିୟମ ମାନିବାକୁ ପଡ଼ିଥାଏ। ହେଲେ କେତେକ ଦେଶରେ ଗାଡ଼ି ଚଳାଇବା ଉପରେ ଅଜବ ନିୟମ ରହିଛି। ଜାଣନ୍ତୁ ସେ ସମ୍ପର୍କରେ...**

**ଆ**ମ ଦେଶରେ ହେଲ୍‌ମେଟ ନ ପିନ୍ଧି ବାଇକ୍ ଚଳାଇଲେ, ରଙ୍ଗ ରୁଟ୍‌ରେ ଡ୍ରାଇଭ କଲେ, ଚାରିଚକିଆ ଯାନ ଚଳାଇବା ସମୟରେ ସିଟ୍ ବେଲ୍ଟ ନ ପିନ୍ଧିଲେ, ନିର୍ଦ୍ଧାରିତ ସ୍ପିଡ୍‌ଠାରୁ ଅଧିକ ବେଗରେ ଗାଡ଼ି ଚଳାଇଲେ, ଗାଡ଼ି କାଗଜପତ୍ର ଅପଡେଟ୍ ନ ଥିଲେ ଆଦି କେତେକ କାରଣରୁ ଜରିମାନା ଦେବାକୁ ପଡ଼ିଥାଏ। କିନ୍ତୁ ଗାଡ଼ି ଚଳାଇବା ସମୟରେ ଯଦି ମଝି ରାସ୍ତାରେ ଗାଡ଼ିରୁ ତେଲ ସରିଗଲା ତେବେ... ? ଏହାକୁ ଜର୍ମାନୀରେ ଅପରାଧ ଭାବରେ ଗ୍ରହଣ କରାଯାଏ। ଆଉ ଏଥିପାଇଁ ଫାଇନ୍ ଦେବାକୁ ପଡ଼େ। ଯଦି ଆପଣ ରୁଷିଆରେ ଗାଡି ଚଳାଉଥା'ନ୍ତି, ତେବେ ସେଠାରେ ଗାଡିର ନମ୍ବର ପ୍ଲେଟ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରହିବା ଦରକାର। ନ ହେଲେ ସେହି ଗାଡି ଚଳାଉଥିବା ବ୍ୟକ୍ତିଙ୍କ ଉପରେ ଜରିମାନା ଲଗାଯାଇଥାଏ। ସ୍ୱିଜରଲାଣ୍ଡରେ ମଧ୍ୟ ଗାଡିକୁ ନେଇ ଅଜବ ନିୟମ ରହିଛି। ସେଠାରେ ସପ୍ତାହର ଶେଷ ଦିନ ଅର୍ଥାତ୍ ରବିବାରରେ ଗାଡି ଧୋଇପାରିବେ ନାହିଁ। ଯଦି ଏମିତି କିଏ କରିଥାଏ, ତେବେ ତାଙ୍କୁ ଫାଇନ୍ ଦେବାକୁ ପଡିଥାଏ। ଜାପାନରେ ବର୍ଷାଦିନେ ଗାଡି ଚଳାଇବା ସମୟରେ କାହା ଉପରେ ଯେପରି ଗାଡିର ପାଣି ଛିଟା ନ ପଡେ, ସେଥିପ୍ରତି ଦୃଷ୍ଟି ଦେବାକୁ ପଡିଥାଏ।



# ବିଷାକ୍ତ ମାଟି

**ଏ**ବର୍ଷ ଚନ୍ଦ୍ରରେ ପହଞ୍ଚି ଆମ ଦେଶ ଇତିହାସ ସୃଷ୍ଟି କରିଛି। ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବାରେ ଭାରତ ହେଉଛି ପ୍ରଥମ ଦେଶ। ପୃଥିବୀର ଏକମାତ୍ର ଉପଗ୍ରହ 'ଚନ୍ଦ୍ର'ର କ'ଣ ବିଶେଷତ୍ୱ ରହିଛି ସେହିସବୁ ରୋଚକ କଥା ଜାଣିବାକୁ ବିଭିନ୍ନ ଦେଶ ପକ୍ଷରୁ ଉଦ୍ୟମ ଜାରି ରହିଛି। କିନ୍ତୁ ଚନ୍ଦ୍ରର ମାଟି ବିଷୟରେ ଜାଣନ୍ତି ? କେତେକ ବୈଜ୍ଞାନିକ ଏହାକୁ ପାଉଡର ବୋଲି କହିଥାଆନ୍ତି। ଯଦି ଏହି ପାଉଡର ମଣିଷ ଶରୀରକୁ ପ୍ରବେଶ କରିଗଲା, ତେବେ ଏହା ସଂପୃକ୍ତ ବ୍ୟକ୍ତିଙ୍କ ଜୀବନ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଏପରି କି ଏଥିପାଇଁ ଜୀବନ ଚାଲିଯାଇପାରେ ବୋଲି ଆକଳନ କରାଯାଇଛି। ଏହାକୁ ଇଂଲିଶ୍‌ରେ 'ମୁନ୍ ଡଷ୍ଟ' ମଧ୍ୟ କୁହାଯାଉଛି। ଏହି ଡଷ୍ଟରେ ସିଲିକା, ଆଇରନ୍ ପରି ରହିଛି ମେଟାଲର ଭରପୂର ମାତ୍ରା। ତେଣୁ ଚନ୍ଦ୍ରପୃଷ୍ଠକୁ ଯାଉଥିବା ମହାକାଶଚାରୀ ଏଭଳି ଡଷ୍ଟଠାରୁ ନିଜକୁ ଦୂରେଇ ରଖନ୍ତି।



# ଦ୍ରୁତତମ ଟ୍ରେନ୍

**ଅ**ଧିକ ସ୍ପିଡ୍‌ରେ ଦୌଡୁଥିବା ଟ୍ରେନ୍ ହେଉଛି ଚାଇନାର ସାଂଘାଇ ମ୍ୟାଗଲେଭ୍। ଏହି ସ୍ପିଡ୍ ଟ୍ରେନ୍‌ଟି ଯେବେ ଗତି କରେ ସତେ ଯେମିତି ଲାଗେ ବନ୍ଧୁକରୁ ଗୁଳି ବାହାରୁଛି। ଟ୍ରେନ୍‌ଟି ଚାଲିବା ସମୟରେ ଏହାର ଡବା ଗଣିବା ମଧ୍ୟ ସହଜ ହୋଇ ନଥାଏ। ଏହାର ଚକା ଅନ୍ୟ ଟ୍ରେନ୍‌ଠାରୁ ଟିକେ ଅଲଗା। କାରଣ ଏହି ଚକାରେ ମ୍ୟାଗ୍ନେଟିକ୍ ଲେବିଟେସନ୍ ଲାଗିଥାଏ। ସ୍ୱତନ୍ତ୍ର ଟେକ୍ନିକ୍‌ରେ ଏହି ଟ୍ରେନ୍ ଚାଲୁଥିବା ଯୋଗୁ କୌଣସି ଶବ୍ଦ ହୋଇ ନଥାଏ ଏବଂ ଅଧିକ ସ୍ପିଡ୍‌ରେ ଗଡ଼ିଥାଏ। ଏହାର ବେଗ ଘଣ୍ଟା ପ୍ରତି ୪୩୦ କିମି। ତେବେ ଆମ ଦେଶରେ ବୁଲେଟ୍ ଟ୍ରେନ ଚଳାଇବାକୁ ଯୋଜନା ଚାଲିଛି ଏବଂ ଏହାର ସ୍ପିଡ୍ ହେବ ଘଣ୍ଟା ପ୍ରତି ୬୦୦ କିମି।







# ଆ ଇ ନା

ତୃପ୍ତିମୟୀ ନାୟକ
୧୧ ବର୍ଷ, କଟକ





ପିୟାଲି ପ୍ରିୟଦର୍ଶିନୀ
୧୧ ବର୍ଷ, ଭୁବନେଶ୍ୱର